# ସମାଲୋଚନା

କବି ରଘୁନାଥ ଦାସ

॥ବଗଲା॥

ପାଟ ମଝିରେ ଏଇ ଯେ ଦିଶେ ଢ଼େଙ୍ଗା ଦୁଇ ତାଳ

ତାହାର ତଳେ ଦିଶୁଛି ଟିକି-?

କେତେ ଭଙ୍ଗା ଫଡ଼ା ଚାଳ...

ସେଇଠି ।

॥ବଗୁଲୀ॥

ସେଇଠି କ'ଣ?

॥ବଗଲା॥

ସେଠି ମଣିଷ ଥିଲେ,

ଗାଁ ଥିଲା

ଥିଲା ଘରବାରି-

ବଳଦ ଗାଈ, ମେଣ୍ଢା, ଛେଳି, ଶୁଆ ଆଉ ଶାରୀ

କାଉ କୋଇଲି ରାବିବା ଆଗୁ

କନିଆ ବହୂ ବାସନପାତି ମାଜେ,

ରାତି ଥାଉଣୁ ଗାଧୁଆ ସାରେ-

ବୋଲିବେ କିସ ଉଠିଲେ କିଏ? ମରିବ ସିନା ଲାଜେ ।

ପଧାନ ପୁଅ କାଳିଅନ୍ଧାରୁ ବଳଦ ଯୋଚି ହଳେ

www.jatayu.org

# ସମାଲୋଚନା

କବି ରଘୁନାଥ ଦାସ

ଯାଏ-

ଗାଁ, ଦାଣ୍ଡରେ ଈଷ ଘୋଷାରି

ସାଆଁତ ଘରେ ଡ଼ାକଟେ ମାରି

ପାଟିରେ ଯାକି ଚୂନପତର କଳେ ।

ଦେଉଳ ହେବ ପଛିମ ପଟେ

ଏବେ ଲାଗି ରହିଛି ସେହି ଚାଳୀ-

ଯେଉଁଠି ବସେ

ଅବଧାନର ଗହଳୀ ଚାଟଶାଳୀ;

ସାବଧାନଲୋ ! ପାକୁଆ ବୁଢ଼ା ସାଇତି ଥାଏ ଛାଟ

ପିଠି ଉପରେ ପାହାରେ ଦେବ ହୁଡ଼ିଛୁ ଯେବେ ପାଠ ।

ବଡ଼ି ସଅଳୁ ସ୍ନାହାନ ସାରେ ଗୋସେଇଁ ନିତିପର

ଜାଣେ ସେ ପରା ମନ୍ତ୍ର କିସ

ଯହିଁରେ ଭାଜେ ପହଡ଼ ଦିଅଁଙ୍କର,

ଘଣ୍ଟାବାଜେ, ଶଙ୍ଖ ଡ଼ାକେ, ମଥାଣପରେ ସୂର୍ଯ୍ୟ ଯେବେ ବଢ଼େ

କୁସୁମଡ଼ାଲା ଅଣାଇ ମାଳୀ, ସକାଳ ନୀତି ବଢ଼େ ।

ସେଣେ-

www.jatayu.org

# ସମାଲୋଚନା

କବି ରଘୁନାଥ ଦାସ

ପୋଖରୀ କୂଳେ ମାଇପି ସଭା କେତେ ଯେ କଥା, ଭାଷା

ଗୋପନ କଥା, ସପନ କଥା,

ଦୁଃଖ ସୁଖ ବେଦନା ଆଉ ଆଶା-

କାଳିଆ ପାଣି ଉଜ୍ଜଳ ଦିଶେ, ନାଲିଆ କଇଁ ଦୋଳେ

ତୁଠରେ ବସି ଅଳସ-ହାତେ କୋଉ ରମଣୀ

ହଳଦି-ତେଲ ଚିଖଲ ଦେହେ ବୋଳେ ।

ସେପଟେ-

ଗାଁ ଦାଣ୍ଡରେ ହଟଚଟ ଦେଖାଏ-

ମୁଣ୍ଡପୋତା କେଳା

କା ଘରୁ ମିଳେ ତବତ ଭାତ

କିଏ, ବା ପଖାଳ ଶାଗ ଦେଲା

ଗାଆଁଟା ଯାକ ଭଲରେ ଥିଲେ ।

ପଡ଼ିଆ ହୋଇ ପଡ଼ିଛି ଯାହା

ବିଜନ ଏହି ବିଲେ

Powered by Tekons

# ସମାଲୋଚନା

କବି ରଘୁନାଥ ଦାସ

ଚଷା ଉଠାଏ ରତନଚୁଡ଼ି ଧାନ;

ତନ୍ତୀ ବୁଣେ କୁମ୍ଭପକା ଶାଢ଼ୀ,

ବେହେରା ଘରେ କ୍ଷୀର-ଲବଣୀ ଭାସେ,

କେଉଟ ଦିଏ ଭେକଟି ମାଛ ଭେଟି;

କପଡ଼ା ଯେତେ ସଫେଦ୍ କରେ ସେଠୀ

-ସଫେଦ୍ ସଖି, ତୋହରି ପକ୍ଷୀ ଭଳି

।ବଗୁଲୀ।।

ଏବେ ନିଜନ ଦିଶେ-

।ବଗଲା।।

ନିଜନ ଏବେ ଲକ୍ଷ୍ମୀଛଡ଼ା ଥଳି

।ବଗୁଲୀ।।

କିଆଁ?

।ବଗଲା।।

ମଣିଷ ହେଲା ମଣିଷ ଖିଆ

ସମାଜ ହେଲା ଆନ ।

ଉଦୁଉଦିଆ ଦିହିପହରେ

www.jataayu.org

# ସମାଲୋଚନା

କବି ରଘୁନାଥ ଦାସ

ଏହି ଗହୀରେ

ତାଗଡ଼ା ଯେତେ, ଭେଣ୍ଡିଆ ସାଥେ

ଡ଼ାଁକିନୀର ହୋଇଲା ଦିନେ ଭେଟ,

ସବୁରି ଦେହୁ ଶୁଖିଲା ଲହୁ

ଏକା, କୃଷ୍ଣ ସାହୁ

ବୋଲାଇ ହେଲା ଶେଠ ।

ତା'ର, ମୁନାଫା- ନିଶା-ଚୁଳ ଆଖିରେ

ଜନତା ଦିଶେ ସାନ,

ଆଗୋ, ସମାଜ ହେଲା ଆନ ।

ଚଷା ଶୋଇଲା ପେଟରେ ଭୋକ ମାରି,

ମାମଲା ଶେଷ ହାଇକୋର୍ଟରେ ବଢ଼େଇ ଗଲା ହାରି,

ଗୋସାଇଁ ସାର କରିଲା ପେଷା-

କଲିକତାର କୋଇଲାଖିଆ ଚୁଲି,

କମାର ହେଲା ବର୍ମାଦେଶ କୁଲି ।

ବାଉରୀସାଇ କା କଥା କହିବି? ଲୋ-

ସବୁଟି ବୁଢ଼ା ଦାଗୀ,

www.jatayu.org

# ସମାଲୋଚନା

କବି ରଘୁନାଥ ଦାସ

ବାକି ଯେ ଲୋକ

ଏ ଗାଁ, ସେ ଗାଁ ବାରଦୁଆର

ଭିକ ମୁଠାଏ ମାଗି ।

।।ବଗୁଲୀ ।।

ହଜାରେ ଜନ ତୋଟିକି କାଟି ଜଣେ ହୋଇବ ଧନୀ ।

।।ବଗଲା ।।

ହାଃ, ହାଃ ଯେମିତି-

କୋଟି ଝିଣ୍ଟିକା ମାରିଲେ ଜୀଏ ଗୋଟିଏ ରାଜବଣୀ ।

।।ବଗୁଲୀ ।।

ଏବେ ସେ ଥାନାରେ-?

।।ବଗୁଲୀ ।।

-ମଣିଷ ନାହିଁ ଅଛି ତାର ହାଡ଼,

ପୋଖରୀଟାରେ ନାହିଁ ବି ଆଉ

ଗୋଟିଏ କଇଁନାଡ ।

ହେଇଲୋ ଚାହାଁ ଧୋବା ଦିଶୁଛି

ଗାଆଁର ସେହି ତଳି ।

।।ବଗୁଲୀ ।।

www.jatayu.org

# ସମାଲୋଚନା

କବି ରଘୁନାଥ ଦାସ

ମୋର ଛାତି ଭିତର ଉଠୁଛି କିଆଁ ଥରି ।

ଚାଲ ହେ ସଖା ଏ ଥାନ ଛାଡ଼ି

ଉଡ଼ିଣ ଯିବା ସଦୟ ଦେଶେ କାହିଁ-

ସଂସାରର ଦୁଃଖ କାଟି ସମାଜ ଯହିଁ ଛୁଟିଛି ବେଗେ

ଜୀବନ- ନାଆ ବାହି ।

।।ବଗଲା ।।

ଯିବା-

।।ବଗୁଲୀ ।।

ସାଥୀ, ପସାର ଡ଼େଣା-

।।ବଗଲା ।।

ସାଥୀ ପଛକୁ ଅନା-

ସେହି ଥାନେ ଘୋଟିଲା ଏବେ

ମରଣ କଳା ଛାଇ

।।ବଗୁଲୀ ।।

ସେ ସୀମା ଛାଡ଼ି ଆସିଛେ ଉଡ଼ି

ଓଃ, ତ୍ରାହି, ତ୍ରାହି, ତ୍ରାହି ।

www.jataayu.org

# ସମାଲୋଚନା

କବି ରଘୁନାଥ ଦାସ

www.jataayu.org

Powered by Tekons